କାମ ସାରିବା ଦରକାର ।

**ଙ.** ଉପଯୁକ୍ତ ଫସଲ ଖସଡ଼ା କରିବା ଭଲ । ଯଥା ଚିନାବାଦାମ ପୂର୍ବରୁ କପା, ଗହମ, ମକା, ପିଆଜ ଓ ରସୁଣ କରିବା ଭଲ ।

**ଚ.** ନିମ୍ବ ପିଡ଼ିଆ ବୁଣାବୁଣି କରିବାର ୧୫ ଦିନ ପୂର୍ବରୁ ହେକ୍ଟର ପ୍ରତି ୫୦୦ କେଜି ହିସାବରେ ପ୍ରୟୋଗ କରିବା ଉଚିତ୍ ।

**ଛ.** ପତ୍ରଖିଆ ଗୋଟି ପୋକ ପାଇଁ ହେକ୍ଟର ପ୍ରତି ୧୦ଟି ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ ଏବଂ ୧୦-୧୨ଟି କଣି ଥିବା ବାଉଁଶ ଡାଳ ପୋତି କୀଟଭକ୍ଷୀ ପକ୍ଷୀମାନଙ୍କ ଆଶ୍ରୟ ସ୍ଥଳୀ ସୃଷ୍ଟି କରନ୍ତୁ ।

**ଜ.** ପତ୍ରଡିଆଁ ଓ ଜଉପୋକର ଦମନ ପାଇଁ ହେକ୍ଟର ପ୍ରତି ୧୦ଟି ହଳଦିଆ ଅଠାଳିଆ ଯନ୍ତା ବସାନ୍ତୁ ।

**ଝ.** ପତ୍ର ସୁଡ଼ଙ୍ଗୀ ପୋକ ଓ ଅନ୍ୟାନ୍ୟ ପତ୍ରଖିଆ ପୋକର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୫୦,୦୦୦ ଟ୍ରାଇକୋଗାମା ଚିଲୋନିସ୍ ଅଣ୍ଡା ପରାଶ୍ରୟୀ କୀଟ ପ୍ରତି ୧୦ ଦିନ ଅନ୍ତରରେ ଦୁଇ ଥର ଛାଡ଼ନ୍ତୁ ।

**ଞ.** ଧୂଆଁ ପତ୍ର ଗୋଟି ପୋକ ଓ ଫଳ ବନ୍ଧା ପୋକ ଦେଖାଦେଲେ ୨୫୦ ଏଲ୍.ଇ. ଏସ୍.ଏନ୍.ପି.ଭି. ଓ ଏଚ୍.ଏନ୍.ପି.ଭି. ପ୍ରୟୋଗ କରନ୍ତୁ ।

## ରାସାୟନିକ ପ୍ରଣାଳୀରେ ପୋକ ନିୟନ୍ତ୍ରଣ :

| ପୋକର ନାମ | ରାସାୟନିକ କୀଟନାଶକ | ପରିମାଣ/ମାତ୍ରା (ହେକ୍ଟର ପ୍ରତି) |
|---|---|---|
| ଶୋଷକ ଶ୍ରେଣୀୟ ପୋକ (ଜଉ ପୋକ, ଉକୁଣିଆ ପୋକ ପତ୍ରଡିଆଁ ପୋକ, ଧଳା ମାଛି) | ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଜି. | ୧୦୦ ଗ୍ରାମ୍ |
| | ଇମିଡାକ୍ଲୋପ୍ରିଡ୍ ୭୦% ଡବ୍ଲୁ.ଜି. | ୭୫ ଗ୍ରାମ୍ |
| | ଫ୍ଲୋନିକାମିଡ୍ ୫୦% ଡବ୍ଲୁ.ଜି. | ୨୦୦ ଗ୍ରାମ୍ |
| ପତ୍ରସୁଙ୍ଗୀ ପୋକ, ନାଲି ସଁବାଲୁଆ, ଧୂଆଁଗୋଟି ପୋକ, ଫଳ ବିନ୍ଧା ପୋକ | ଲାମ୍ବଡାସାଇହାଲୋଥ୍ରିନ୍ ୫% ଇ.ସି. | ୨୫୦ ମି.ଲି. |
| | ପ୍ରୋଫେନୋଫସ୍ ୫୦% ଇ.ସି. | ୧୦୦୦ ମି.ଲି. |
| | ସ୍ପିନୋସାଡ୍ ୪୫% ଏସ୍.ସି. | ୨୦୦ ମି.ଲି. |
| ଧବଳଭୃଙ୍ଗ ଓ ଉଇ | କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ | ୨୫ କି.ଗ୍ରା. |
| | କ୍ଲୋରୋପାଇରିଫସ୍ ୨୦% ଏସ୍.ସି. | ୨୦୦ ମି.ଲି. |




## ରାସାୟନିକ ପ୍ରଣାଳୀରେ ରୋଗ ନିରାକରଣ :

| ରୋଗର ନାମ | ରାସାୟନିକ ଫିମ୍ପି କିମ୍ବା ବୀଜାଣୁ ନାଶକ | ପରିମାଣ/ମାତ୍ରା (ହେକ୍ଟର ପ୍ରତି) |
|---|---|---|
| ଟୀକା ରୋଗ | କ୍ଲୋରୋଥାଲୋନିଲ୍ ୭୫% ଡବ୍ଲୁ.ପି. | ୭୫୦ ଗ୍ରାମ୍ |
| | ପାଇରୋକ୍ଲୋଷ୍ଟ୍ରୋବିନ୍ ୨୦% ଡବ୍ଲୁ.ପି. | ୫୦୦ ଗ୍ରାମ୍ |
| ଗଜା ସଢ଼ା, ବେକ ସଢ଼ା, କାଣ୍ଡ ସଢ଼ା ରୋଗ | ଥିରାମ୍ ୭୫% ଡବ୍ଲୁ.ପି. | ୧.୫ କି.ଗ୍ରା. |
| | କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲୁ.ପି. | ୨.୫ କି.ଗ୍ରା. |
| | ପ୍ରୋପିକୋନାଜୋଲ୍ ୨୫% ଇ.ସି. | ୫୦୦ ମି.ଲି. |
| କଳଙ୍କି ରୋଗ | ବିଟ୍ରଟାନଲ୍ ୨୫% ଡବ୍ଲୁ.ପି. | ୧ କି.ଗ୍ରା. |
| | ଟ୍ରାଇଡିମର୍ଫ ୮୫% ଇ.ସି. | ୫୦୦ ମି.ଲି. |




## ଏକଚକିଆ ଚିନାବାଦାମ ଚାଷର କ୍ଷେତ୍ର ପ୍ରଦର୍ଶନ :



Technical Bulletin - 2018-19

ଅଧିକ ବିବରଣୀ ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ ସହିତ ଯୋଗାଯୋଗ କରନ୍ତୁ ।

ICAR

# ବୈଜ୍ଞାନିକ ପ୍ରଣାଳୀରେ ଚିନାବାଦାମ ଚାଷ




ଲେଖିକା

ଶ୍ରୀମତୀ ଇପ୍‌ସୀତା ମିଶ୍ର
ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

ସଂପାଦିକା

ଡ. ବିନୀତା ଶତପଥୀ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ


## କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ

ଚିନାବାଦାମ ଓଡ଼ିଶାରେ ଏକ ପ୍ରମୁଖ ତୈଳବୀଜ ଜାତୀୟ ଫସଲ । ଚିନାବାଦାମରେ ସାଧାରଣତଃ ୪୮-୫୦% ତେଲ, ୨୬-୨୮% ପ୍ରୋଟିନ୍ ଓ ଏହାଛଡ଼ା ଏଥିରେ ପ୍ରଚୁର ପରିମାଣରେ ଖାଦ୍ୟଯୋଗ୍ୟ ତନ୍ତୁ, ଖଣିଜଲବଣ ଓ ଭିଟାମିନ୍ ମହଜୁଦ୍ ଥାଏ । ଓଡ଼ିଶାର ସାଧାରଣତଃ ଓ ୪ ଲକ୍ଷ ହେକ୍ଟର ଜମିରେ ବାଦାମ ଚାଷ କରାଯାଉଥିଲେ ମଧ୍ୟ ଏହାର ଅମଳ ଅନ୍ୟ ରାଜ୍ୟ ତୁଳନାରେ ବହୁତ କମ୍ । ଏହାର ମୁଖ୍ୟ କାରଣ ହେଲା ଚିନାବାଦାମ ଚାଷ ପାଇଁ ହେକ୍ଟର ପିଛା ଟ୧୨,୦୦୦-ଟ.୧୬,୦୦୦ ଦରକାର ହୋଇଥାଏ । କିନ୍ତୁ ଚାଷୀମାନେ ଏତେ ପରିମାଣର ଖର୍ଚ୍ଚ କରି ନଥାନ୍ତି । ଖରିଫ୍ ଫସଲରୁ ହେକ୍ଟର ପ୍ରତି ହାରାହାରି ୧୦-୧୨ କ୍ୱିଣ୍ଟାଲ ଅମଳ ମିଳୁଥିବା ବେଳେ ରବି ଓ ଖରାଟିଆ ଫସଲରୁ ୧୮-୨୦ କ୍ୱିଣ୍ଟାଲ ଅମଳ ମିଳିଥାଏ । ଏଣୁ ଅଧିକ ଅମଳ ପାଇବା ପାଇଁ ମୁଖ୍ୟତଃ ଉନ୍ନତ ବିହନ ଏବଂ ସମନ୍ୱିତ ଫସଲ ପରିଚାଳନା ଉପରେ ନିର୍ଭର କରିବାକୁ ପଡ଼ିବ ।

**୧. ମୃତ୍ତିକା**

ଚିନାବାଦାମ ଫଳ ମାଟିତଳେ ବଢ଼ିଥାଏ ଓ ମାଟି ଭିତରେ ପାକଳ ହୋଇଥାଏ । ତେଣୁ ମାଟିକୁ ଭଲଭାବରେ ଗୁଣ୍ଡକରି ହାଲ୍‌କା କରିବା ଓ ଗହିରିଆ ଚାଷ ଦରକାର କରିଥାଏ । ନିଗିଡ଼ା ବାଲିଆ ଦୋରସା, ଓ ପଟୁମାଟିରେ ବାଦାମ ଫସଲ ଭଲ ହୁଏ କିନ୍ତୁ କାଦୁଆ ଚିକିଟା ଓ ଲୁଣିମାଟିରେ ଚାଷ କରିବା ଉଚିତ୍ ନୁହେଁ । ଅମ୍ଳ ମାଟିରେ ବାଦାମ ଭଲ ହୁଏ ନାହିଁ । ଏଣୁ ଲଗାଇବା ପୂର୍ବରୁ ହେକ୍ଟର ପିଛା ୨୫୦ କେଜି ଜିପ୍‌ସମ୍ ପକାଇ ମାଟିରେ ମିଶାଇବା ଦରକାର ।

**୨. ବୁଣିବା ସମୟ**-ଜୁନ୍ ମାସର ଦ୍ୱିତୀୟ ସପ୍ତାହଠାରୁ ଶେଷ ସପ୍ତାହ ମଧ୍ୟରେ ଖରିଫ୍ ବାଦାମକୁ ବୁଣିଦେବା ଉଚିତ୍ । ସେହିପରି ରବି ବାଦାମକୁ ନଭେମ୍ବର ମାସର ଦ୍ୱିତୀୟ ସପ୍ତାହରୁ ଡିସେମ୍ବର ମାସ ପ୍ରଥମ ସପ୍ତାହ ମଧ୍ୟରେ ବୁଣିଦେଲେ ଅମଳ ଭଲ ମିଳିଥାଏ ।

**୩. ବିହନ କିସମ**-ଏ.କେ ୧୨-୨୪ (୧୧୦ ଦିନ) ସ୍ମୃତି (OG-52-1) (୧୦୫ ଦିନ), ଦେବୀ (ICGV-91114) (୯୫-୧୧୦ ଦିନ, ଧରଣୀ ୧୦୫-୧୧୦ ଦିନ)

## ବିହନ ପରିମାଣ, ବିହନ ନିର୍ବାଚନ, ବିଶୋଧନ ଓ ବୁଣିବା ପ୍ରଣାଳୀ

**୪. ବିହନ ପରିମାଣ** - ଏକ ହେକ୍ଟର ଜମିରେ ବାଦାମ ଚାଷ କରିବାକୁ ସାଧାରଣତଃ ୧୨୫ କେଜି ବିହନ ଆବଶ୍ୟକ କରିଥାଏ ।

**୫. ବିହନ ନିର୍ବାଚନ**-ଚିନାବାଦାମ ଚାଷରେ ହେଉଥିବା ମୋଟ ଖର୍ଚ୍ଚରୁ ଶତକଡ଼ା ୩୦ ରୁ ୩୭ ଭାଗ ଖର୍ଚ୍ଚ କେବଳ ବିହନରେ ଦରକାର ହୋଇଥାଏ । ତେଣୁ ମଧ୍ୟମ ଆକାରର ଭଲ ଦାନା ଥିବା ପାକଳ ମଞ୍ଜି ବାଛିବା ଦରକାର । ୩-୫ ସେ.ମି ଗଭୀର ମାଟିତଳେ ବୁଣିଲେ ଭଲ ଅମଳ ହୋଇଥାଏ । ବିହନ ବ୍ୟବହାର ପାଇଁ ମଞ୍ଜିର ଚୋପାକୁ ହାତରେ ଛଡ଼ାଇଲେ ଭଲ ।

**୬. ବିହନ ବିଶୋଧନ**-ଚିନାବାଦାମ ମଞ୍ଜିକୁ ଲଗାଇବାର ୭ ଦିନ ପୂର୍ବରୁ ୧ କି.ଗ୍ରା. ବିହନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. କିମ୍ବା ୩ ଗ୍ରାମ୍ କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% ମିଶ୍ରିତ ଫିମ୍ପିନାଶକ ଦ୍ୱାରା ବିହନ ବିଶୋଧନ କରନ୍ତୁ ।

● **କଲଚର ଦ୍ୱାରା ବିହନ ବିଶୋଧନ**-ରାଇଜୋବିଅମ୍ କଲ୍‌ଚର ଓ ପି.ଏମ୍.ଏସ୍.କୁ ମିଶାଯାଇଥାଏ । ସେହିପରି ଏକ କେଜି ମଞ୍ଜିରେ ୪ ଗ୍ରାମ ଟ୍ରାଇକୋଡ଼ର୍ମା ଭିରିଡ଼େ ଦ୍ରବଣକୁ ମିଶ୍ରଣ କଲେ ଏହା କାଣ୍ଡ ସଢ଼ା ଓ ଡାଳ ସଢ଼ା ରୋଗରୁ ନିୟନ୍ତ୍ରଣ କରିଥାଏ ।

**୮. ବୁଣିବା ପ୍ରଣାଳୀ -**

| | |
|---|---|
| ଖରିଫ୍/ବର୍ଷାଋତୁ - | ଧାଡ଼ିକୁ ଧାଡ଼ି ୩୦ ସେ.ମି. |
| | ଗଛକୁ ଗଛ ୧୦ ସେ.ମି. |
| ରବି ଋତୁ - | ଧାଡ଼ିକୁ ଧାଡ଼ି ୨୦ ସେ.ମି. |
| | ଗଛକୁ ଗଛ ୧୦ ସେ.ମି. |

**୯. ସମନ୍ୱିତ ଖାଦ୍ୟସାର ପରିଚାଳନା**

୧୦ରୁ ୧୫ ଗାଡ଼ି ଗୋବର ଖତ ବା କମ୍ପୋଷ୍ଟକୁ ଶେଷ ଓଡ଼ ଚାଷ ବେଳେ ପ୍ରୟୋଗ କରାଯାଏ । ଏହା ସହିତ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସଫରସ୍ ଓ ୪୦ କି.ଗ୍ରା. ପଟାସ ସାରକୁ ହେକ୍ଟର ପ୍ରତି ବୁଣିବା ସମୟରେ ମୂଳସାର ହିସାବରେ ଦେବା ଦରକାର ।

ସମସ୍ତ ସାରକୁ ମିଶାଇ ୫ ସେ.ମି. ଗଭୀରରେ ସିଆରରେ ପ୍ରୟୋଗ କରି ମାଟିରେ ମିଶାଇ ବିହନ ବୁଣିବା ଉଚିତ୍ । ରାସାୟନିକ ସାର ସହିତ ଅଣୁସାର ପ୍ରୟୋଗ କଲେ ଚିନାବାଦାମ ଫସଲରେ ଅମଳ ବୃଦ୍ଧି ପାଏ ।

**୧୦. ଅନ୍ତଃ ଚାଷ**-ଗଛ ଉଠିବାର ୫-୭ ଦିନ ବେଳକୁ ଯେଉଁଠାରେ ଗଛ ନ ଉଠିଥାଏ, ସେଠାରେ ମଞ୍ଜି ପୋତି ଦିଅନ୍ତୁ । ଗଜା ହେବାର ୨-୩ ସପ୍ତାହ ବେଳକୁ ମାଟି ଖୁସାଇ ଘାସ ବାଛି ଗଛ ମୂଳରେ ୧୦ ସେ.ମି. ମାଟି ଟେକିଦେଲେ ଅଧିକ ଅମଳ ମିଳିଥାଏ । ଏହା ଫଳରେ ମାଟି ହାଲୁକା ରହେ ଓ ଓହଳ ଭଲଭାବରେ ମାଟିରେ ପ୍ରବେଶ କରିଥାଏ ।

**୧୧. ଜଳସେଚନ**-ଗଛ ଉଠିବାର ୨୦ରୁ ୨୫ ଦିନ ପରେ ଥରେ ହାଲ୍‌କା ଭାବେ ପାଣି ମଡ଼ାଇବା ଉଚିତ୍ । ଫୁଲ ଫୁଟିବା, ଫଳ ବଢ଼ିବା, ଓହଳ ହୋଇ ମାଟିରେ ପଶିବା ସମୟରେ ମାଟିରେ ଜଳ ରହିବା ଆବଶ୍ୟକ, କେବେହେଲେ ଜମିରେ ଅଧିକ ପାଣି ରଖିବା ଉଚିତ୍ ନୁହେଁ । ସାଧାରଣତଃ ମଞ୍ଜି ବୁଣିବାର ୫୦ରୁ ୬୦ ଦିନରେ ଜମି ୮-୧୦ ସେ.ମି. ପର୍ଯ୍ୟନ୍ତ ଓଦା ରହିବା ଦରକାର । ଏହାଦ୍ୱାରା ଚେର କ୍ୟାଲସିୟମ୍ ସାରକୁ ଠିକ୍ ଭାବରେ ଗ୍ରହଣ କରିବା ଯୋଗୁଁ ଫଳ ଓ ମଞ୍ଜି ଠିକ୍ ଭାବରେ ବଢ଼ିଥାଏ ।

**୧୨. ଅମଳ**-ଜଳସେଚିତ ଜମିରେ ଚିନାବାଦାମ ଅମଳ ପୂର୍ବରୁ ପାଣି ମଡ଼ାଇ ଅମଳ ଅଳ୍ପ ଡେରିରେ କରିବା ଦ୍ୱାରା ଉପାଡ଼ିବା ସହଜ ହୋଇଥାଏ । ବାଦାମ ଗଛ ଉପାଡ଼ିବା ପରେ ଭେଳା ବାନ୍ଧି ଫଳ ଉପର ଓ ଡାଳ ତଳକୁ କରି ଛାଇରେ ରଖିବା ଉଚିତ୍ । ଭେଳା ବା ବିଡ଼ାରେ ବାଦାମ ଶୁଖିଗଲା ପରେ ଫଳକୁ ଗଛରୁ ତୋଳି ଛାଇରେ ଖେଳାଇ ଶୁଖାଇବା ଦରକାର । ମଞ୍ଜି ଭଲରେ ଶୁଖିଛି କି ନାହିଁ ଜାଣିବା ପାଇଁ ଫଳକୁ ହାତରେ ଧରି ହଲାଇଲେ ଝଣଝଣ ଶୁଭିବା ଦରକାର । ଛଡ଼ା ମଞ୍ଜିକୁ ଦୁଇ ଅଙ୍ଗୁଳିରେ ଦବାଇଲେ ଏହା ସହଜରେ ଦୁଇଫାଳ ହେଉଥିବ । ଅମଳ ସମୟରେ ସାଧାରଣତଃ ମଞ୍ଜିରେ ୫୫% ରୁ ୬୦% ଜଳୀୟ ଅଂଶ ଥାଏ । ତେଣୁ ଜଳୀୟ ଅଂଶ ୧୦% ରୁ କମ୍ ହେବା ପର୍ଯ୍ୟନ୍ତ ଏହା ଶୁଖାଇବା ଦରକାର । ବୈଜ୍ଞାନିକ ପ୍ରଣାଳୀରେ ଚାଷ କଲେ ଖରାଟିଆ ଚିନାବାଦାମରୁ ହେକ୍ଟର ପ୍ରତି ୨୫-୩୦ କ୍ୱିଣ୍ଟାଲ୍ ଓ ବର୍ଷା ଋତୁ ଫସଲରୁ ୧୫-୨୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ ।

**୧୩. ସମନ୍ୱିତ ରୋଗ ଓ ପୋକ ପରିଚାଳନା**

**କ.** ଚିନାବାଦାମ ଚାଷ ପାଇଁ ସବୁବେଳେ ଗହିରିଆ ଚାଷ ୨୦-୨୫ ସେ.ମି. ଦରକାର । ଏହାଦ୍ୱାରା ମାଟିରେ ଥିବା ଜୀବାଣୁମାନେ ମରିଯାଆନ୍ତି ।

**ଖ.** ବିଭିନ୍ନ ରୋଗ ଓ ପୋକ ସହଣୀଯୁକ୍ତ ବିହନ ବ୍ୟବହାର କରିବା ଉଚିତ୍ ।

**ଗ.** ବିହନ ବୁଣିବା ବେଳେ ମାଟିରେ ବେଶି ଗଭୀରକୁ ପୋତିବା ଠିକ୍ ନୁହେଁ । ସାଧାରଣତଃ ୩-୫ ସେ.ମି. ଗଭୀରରେ ମଞ୍ଜି ପୋତିବା ଉଚିତ୍ ।

**ଘ.** ସହଳ ବୁଣା ଚିନାବାଦାମ ଫସଲରେ ମଞ୍ଜି ବିଶୋଧନ ନିହାତି ଦରକାର । ଏହାଦ୍ୱାରା ରୋଗ ଓ ପୋକ ଫସଲରେ କମ୍ ଲାଗିଥାନ୍ତି । ଜୁନ୍-୧୫ କିମ୍ବା ବର୍ଷର ପ୍ରଥମ ବର୍ଷାର ଠିକ୍ ପରେ ଚାଷୀ ବୁଣାବୁଣି